# ସମନ୍ୱିତ ଶିଶୁ ପ୍ରକଳ୍ପ କାର୍ଯ୍ୟାଳୟ, ଭୁବନେଶ୍ୱର (ଗ୍ରାମାଞ୍ଚଳ)

## ବିଜ୍ଞାପନ

*ପତ୍ର ସଂଖ୍ୟା.* ୨୩୪ *ତାରିଖ* ୧୦/୦୬/୨୦୨୬

ଏତଦଦ୍ୱାରା ଭୁବନେଶ୍ୱର ପଞ୍ଚାୟତ ସମିତି ଅଧିନସ୍ଥ **ପାତ୍ରପଡା** ଗ୍ରାମବାସୀ ମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉ ଅଛି ଯେ **ପାତ୍ରପଡା** ଗ୍ରାମରେ ଖୋଲା ଯାଇଥିବା ଅଙ୍ଗନୱାଡି କେନ୍ଦ୍ରରେ ଅଙ୍ଗନୱାଡି କର୍ମୀ ପଦବୀ ଖାଲିଅଛି। ମହିଳା ଓ ଶିଶୁବିକାଶ ବିଭାଗ ର ନିୟମାବଳୀ ଅନୁଯାୟୀ **ପାତ୍ରପଡା-୧** କେନ୍ଦ୍ର ପରିସରଭୁକ୍ତ ଅଞ୍ଚଳ ର ମହିଳା ପ୍ରାର୍ଥୀନୀ ମାନେ ତା: ୦୧.୦୧.୨୦୨୬ ମସିହା ସୁଧା ୧୮ ବର୍ଷ ରୁ ୩୫ ବର୍ଷ ମଧ୍ୟରେ ହୋଇ ଥିଲେ ଅଙ୍ଗନୱାଡି କର୍ମୀ ପଦବୀ ନିମନ୍ତେ Online ରେ ଆବେଦନକରି ପାରିବେ।

ଭୁବନେଶ୍ୱେର ପଞ୍ଚାୟତ ସମିତି ଅନ୍ତର୍ଗତ କର୍ମୀ **ପାତ୍ରପଡା** ଗ୍ରାମର ଅଙ୍ଗନୱାଡି କେନ୍ଦ୍ର ନିମନ୍ତେ ଯୁକ୍ତ ଦୁଇ (+2) ପାସ କରିଥିବା ଯୋଗ୍ୟ ପ୍ରାର୍ଥୀନୀ Online ପୋର୍ଟାଲ http://engagementawc. odisha. gov.in ରେ ଯାଇ public signup ରେ ରେଜିଷ୍ଟ୍ରେସନ କରିବେ ଏବଂ public login ରେ ନିଜର username & password ଦେଇ ଆବେଦନ କରିବେ ଯାହାକି ତା. **୧୧.୦୬.୨୦୨୬** ରିଖ ଠାରୁ ତା. **୨୫.୦୬.୨୦୨୬** ରିଖ ପର୍ଯ୍ୟନ୍ତ ଦରଖାସ୍ତ ଆହ୍ୱାନ କରାଯାଉ ଅଛି। Online ବ୍ୟତୀତ ଅନ୍ୟ କୌଣସି ହିସାବ ରେ ଦରଖାସ୍ତ ଗ୍ରହଣ କରାଯିବ ନାହିଁ। ତା.**୨୯.୦୬.୨୦୨୬** ରିଖ ସକାଳ ୧୧:୩୦ ଘଟିକା ସମୟ ରେ ପ୍ରାର୍ଥିନୀ ମାନେ ଦରଖାସ୍ତ ଦାଖଲ କରିଥିବା ସମସ୍ତ କାଗଜାତର ମୂଳକାଗଜାତ (Original) ସହିତ ଏହି କାର୍ଯ୍ୟାଳୟ ରେ ତନଖି (Verification) କାର୍ଯ୍ୟ ସକାଶେ ଉପସ୍ଥିତ ରହିବାକୁ ଜଣାଇ ଦିଆଗଲା । ତନଖି ରେ ଅନୁପସ୍ଥିତ ପ୍ରାର୍ଥିନୀ ଙ୍କ କୌଣସି ଅଭିଯୋଗ ପରେ ବିଚାର କୁ ନିଆଯିବ ନାହିଁ। ପ୍ରମାଣପତ୍ର ଗୁଡିକ ଚୟନ କମିଟିଦ୍ୱାରା ଯାଞ୍ଚ ହେବାପରେ ଯୋଗ୍ୟ ପ୍ରାର୍ଥିନୀ ମାନଙ୍କ ର ବାସିନ୍ଦା ପ୍ରମାଣପତ୍ର, ଜାତିଗତ ପ୍ରମାଣପତ୍ର, ଶିକ୍ଷାଗତ ଯୋଗ୍ୟତା ସମ୍ପର୍କରେ ସର୍ବସାଧାରଣ ଙ୍କ ଠାରୁ ଅଭିଯୋଗ ଆହ୍ୱାନ କରାଯିବ। ଏହି ଅଭିଯୋଗ ଶୁଣାଣି ପରେ ଚୟନ କମିଟି ଦ୍ୱାରା ଉପଯୁକ୍ତ ପ୍ରାର୍ଥିନୀ ଚୟନ କରାଯିବ।

| କ୍ରମିକନଂ | ଗ୍ରାମ ପଞ୍ଚାୟତର ନାମ | ଅଙ୍ଗନୱାଡି କେନ୍ଦ୍ରର ନାମ | କେନ୍ଦ୍ରପରିସର ଅଧୀନରେ ଆସୁଥିବା ଗ୍ରାମ/ ପଡା/ୱାର୍ଡ |
|---|---|---|---|
| ୧ | **ରଣସିଂହପୁର** | **ପାତ୍ରପଡା-୧** | ଗ୍ରାମର ନାମ - **ପାତ୍ରପଡା** (ଘର ନଂ-୧ ଅଭିନାଶ ମାର୍ଥା ଙ୍କ ଘର ଠାରୁ ଘର ନଂ-୧୨୧ ଉର୍ମିଳା ଖୁଣ୍ଟିଆ ଙ୍କ ଘର ପର୍ଯ୍ୟନ୍ତ) |

10/6/2026

## ପ୍ରାର୍ଥିନୀ ମାନଙ୍କ ର ଯୋଗ୍ୟତା ଓ ସର୍ତ୍ତାବଳୀ:

୧. ପ୍ରାର୍ଥିନୀ ବିଜ୍ଞାପିତ ଅଙ୍ଗନୱାଡି କେନ୍ଦ୍ର ଅଧିନସ୍ଥ ସ୍ଥାୟୀ ବାସିନ୍ଦା ହୋଇଥିବେ।

୨. ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର ତହସିଲଦାର ଙ୍କ ଠାରୁ ଆଣିବେ,ଏହି ପ୍ରମାଣ ପତ୍ରର ସମୟ ବୈଧତା ଥିବା ଆବଶ୍ୟକ।

୩. ପ୍ରାର୍ଥିନୀଙ୍କ ବୟସ ତା. ୦୧.୦୧.୨୦୨୬ ରିଖ ସୁଧା ୧୮ ବର୍ଷରୁ କମ ଓ ୩୫ବର୍ଷ ରୁ ଉର୍ଦ୍ଧ ହୋଇ ନଥିବା ଆବଶ୍ୟକ

୪. ପ୍ରାର୍ଥିନୀ ଙ୍କର ସର୍ବନିମ୍ନ ଶିକ୍ଷାଗତା ଯୋଗ୍ୟତା ଯୁକ୍ତ ଦୁଇ **(+2)** ପାସ ହୋଇଥିବା ଆବଶ୍ୟକ।

୫. ପ୍ରାର୍ଥିନୀ ହରିଜନ, ଆଦିବାସୀ,ବିଧବା,ବିବାହବିଚ୍ଛେଦ, ସ୍ୱାମୀ ପରିତ୍ୟକ୍ତା, ଶାରୀରିକ ଅକ୍ଷମ ମହିଳା ଓ ଅନାଥ ଝିଅ ମାନଙ୍କୁ ସରକାର ଙ୍କ ନିୟମ ଅନୁଯାୟୀ ଅତିରିକ୍ତ ନମ୍ବର ପ୍ରଦାନ କରାଯିବ।

୬. କୌଣସି ପ୍ରାର୍ଥିନୀ ବାଲବାଡି ଶିକ୍ଷା କେନ୍ଦ୍ର ରେ ଶିକ୍ଷୟତ୍ରୀ ଭାବେ ୫ ବର୍ଷ ରୁ ଉର୍ଦ୍ଧ କରିଥିଲେ ତାଙ୍କୁ ଅଗ୍ରାଧିକାର ଦିଆଯିବ ।

୭. ପ୍ରାର୍ଥିନୀ ଙ୍କର ନିଶ୍ଚିତ ଭାବରେ ଓଡିଆରେ ପଢିବା, ଲେଖିବା ଏବଂ କହିପାରିବାରେ ସକ୍ଷମ ହେବା ଆବଶ୍ୟକ ।

୮. ପ୍ରାର୍ଥିନୀଙ୍କୁ ଉଚ୍ଚତର ଶିକ୍ଷାଗତ ଯୋଗ୍ୟତା ନିମନ୍ତେ ଅତିରିକ୍ତ ନମ୍ବର ଦିଆଯିବ ।

୯. ପ୍ରାର୍ଥିନୀ ଜଣେ ସ୍ୱଚ୍ଛା ସେବି ଭାବରେ ସରକାର ଙ୍କ ଠାରୁ ମାସିକ ଦେୟ ପାଇକାର୍ଯ୍ୟ କରିବାକୁ ଇଚ୍ଛୁକ ଥିବେ ସେ ଜଣେ ସରକାରୀ କର୍ମଚାରୀ ହିସାବରେ ପରିଗଣିତ ହେବେନାହିଁ । ଯେଉଁଥିପାଇଁ ତାଙ୍କ କ୍ଷେତ୍ରରେ ଓ.ଆର.ଭି.ଆକ୍ଟ ୧୯୭୫ ଓ କର୍ମ ନିଯୋଗ ଆଇନି **୧୯୫୯** ଲାଗୁହେବ ନାହିଁ । ଭବିଷ୍ୟତରେ ସେମାନେ ନିୟମିତ ନୀଯୁକ୍ତି ନିମନ୍ତେ ଦାବି କରିପାରିବେ ନାହିଁ ।

୧୦. ଯଦି ପ୍ରାର୍ଥିନୀ ପୂର୍ବରୁ ଅଙ୍ଗନୱାଡିକର୍ମୀ ଭାବରେ କାର୍ଯ୍ୟ କରି କାର୍ଯ୍ୟରୁ ଅନ୍ତର ହୋଇଥାନ୍ତି ତେବେ ପୂର୍ବରୁ କରିଥିବା କାର୍ଯ୍ୟ ସମୟ ବିଚାର କରାଯିବ ନାହିଁ ।

୧୧. ପ୍ରାର୍ଥିନୀ ଯଦି ପଞ୍ଚାୟତି ରାଜ ବିଭାଗର ନିର୍ବାଚିତ ସଦସ୍ୟା ହୋଇଥାନ୍ତି, ପଦବୀ ରୁ ଇସ୍ତଫା ପ୍ରଦାନକରି କର୍ମୀ ପଦବୀରେ ଯୋଗଦାନ କରିପାରିବେ ।

୧୨. ସାର୍ଟିଫିକେଟ ଯାଞ୍ଚ ଓ ନୋଟିସ ପ୍ରକାଶନର ୭ ଦିନ ଉକ୍ତ ଅଙ୍ଗନବାଡି କେନ୍ଦ୍ର ଅଞ୍ଚଳର ଜନସାଧାରଣ,ପ୍ରାର୍ଥିନୀ ଦାଖଲ କରିଥିବା ଜାତିଗତ , ଶିକ୍ଷାଗତ, ଆବାସିକ ଓ ଅନ୍ୟାନ ପ୍ରମାଣପତ୍ର ଉପରେ କୌଣସି ଅଭିଯୋଗ ଥିଲେ , ତାହା ଲିଖତ ଆକାରରେ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କ କାର୍ଯ୍ୟାଳୟ ରେ ଦାଖଲ କରିବେ ।

୧୩. ପ୍ରାର୍ଥିନୀ ମାନଙ୍କୁ କାର୍ଯ୍ୟାଳୟକୁ ଉପରୋକ୍ତ ଯାତାୟାତ ପାଇଁ କୌଣସି ଗସ୍ତ ଖର୍ଚ୍ଚ ପ୍ରଦାନ କରାଯାଇ ପାରିବ ନାହିଁ । ପ୍ରାର୍ଥିନୀ କେବଳ ଏକମାତ୍ର କେନ୍ଦ୍ର ନିମନ୍ତେ ଆବେଦନ କରିପାରିବେ ।

୧୪. ନିମ୍ନଲିଖିତ ପ୍ରମାଣ ପତ୍ର attested Xerox copy ଆବେଦନ ପତ୍ର ସହିତ ସଲଗ୍ନ କରିବେ ।

- ❖ ପାସପୋର୍ଟ ସାଇଜର ଫଟୋ କପି ।
- ❖ ମାଟ୍ରିକ ପାସ ପ୍ରମାଣ ପତ୍ର ଓ ନମ୍ବର ତାଲିକା ।
- ❖ +୨ ପାସ ପ୍ରମାଣ ପତ୍ର ଓ ନମ୍ବର ତାଲିକା ।
- ❖ ଜାତିଗତ ପ୍ରମାଣ ପତ୍ର (ହରିଜନ ଓ ଆଦିବାସୀ ହୋଇଥିଲେ, ତହସିଲଦାରଙ୍କ ଠାରୁ) ।
- ❖ ସ୍ଥାୟୀ ବାସିନ୍ଦା ର ପ୍ରମାଣ ପତ୍ର (ତହସିଲଦାର ଙ୍କ ଠାରୁ) ।
- ❖ ଅନାଥ ପ୍ରମାଣ ପତ୍ର(ସରକାରୀ ସୀକୃତୀ ପ୍ରାପ୍ତ ଅନାଥାଶ୍ରମରୁ) ।
- ❖ ଶାରୀରିକ ଭିନ୍ନ କ୍ଷମ ପ୍ରମାଣ ପତ୍ର (ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଙ୍କଠାରୁ) ।
- ❖ ସ୍ୱାମୀ ପାରିତ୍ୟକ୍ତା ପ୍ରମାଣ ପତ୍ର(କୋର୍ଟ ରୁ) ।
- ❖ ଅସହାୟ ପ୍ରମାଣ ପତ୍ର( ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଙ୍କ ଠାରୁ)
- ❖ ଇ. ସି.ସି.ଇ କର୍ମୀ ପ୍ରମାଣ ପତ୍ର( ଡି.ପି. ସି ଙ୍କ ଠାରୁ)
- ❖ ସାହାଯ୍ୟକାରିଣୀ / ସାଙ୍ଗଠିକା ଭାବରେ ୫ବର୍ଷ ରୁ ଉର୍ଦ୍ଧ କାର୍ଯ୍ୟ କରିଥିବା ପ୍ରମାଣ ପତ୍ର (ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଙ୍କ ଠାରୁ )

ଶିଶୁ ବିକାଶ ଯୋଜନା ଅଧିକାରୀ
ଭୁବନେଶ୍ୱର, ଗ୍ରାମାଞ୍ଚଳ

ପରିପତ୍ର ସଂଖ୍ୟା ୨୩୪ ତାରିଖ ୧୦|୦୬|୨୦୨୬

ଏହାର ନକଲ ସମ୍ପୃକ୍ତ ଜିଲ୍ଲା ପରିଷଦ ସଭ୍ୟ / ସରପଞ୍ଚ / ସମିତି ସଭ୍ୟ ଓ ସଭ୍ୟାଙ୍କ ଅବଗତି ଓ ବହୁଳ ପ୍ରଚାର ନିମନ୍ତେ ପ୍ରେରଣ କରାଗଲା ।

10/6/2026

ଶିଶୁ ବିକାଶ ଯୋଜନା ଅଧିକାରୀ
ଭୁବନେଶ୍ୱର, ଗ୍ରାମାଞ୍ଚଳ

ପରିପତ୍ର ସଂଖ୍ୟା ୨୩୫ ତାରିଖ ୧୦|୦୬|୨୦୨୬

ଏହାର ନକଲ ଉପ-ଜିଲ୍ଲାପାଳ, ଭୁବନେଶ୍ୱର / ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଖୋର୍ଦ୍ଧା / ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଭୁବନେଶ୍ୱର / ଅଧକ୍ଷ ପଞ୍ଚାୟତ ସମିତି ଭୁବନେଶ୍ୱର / ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ, ମେଣ୍ଢାଶାଳ / ବ୍ଲକ ଶିକ୍ଷା ଅଧିକାରୀ ଭୁବନେଶ୍ୱର ଙ୍କ ସଦୟ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

10/6/2026

ଶିଶୁ ବିକାଶ ଯୋଜନା ଅଧିକାରୀ
ଭୁବନେଶ୍ୱର, ଗ୍ରାମାଞ୍ଚଳ

ପରିପତ୍ର ସଂଖ୍ୟା ୨୩୬ ତାରିଖ ୧୦|୦୬|୨୦୨୬

ଏହାର ଏକକିତା ନକଲ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କ ନୋଟିସ ବୋର୍ଡ/ ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଭୁବନେଶ୍ୱରଙ୍କ ନୋଟିସ ବୋର୍ଡ/ ତହସିଲଦାର ଭୁବନେଶ୍ୱରଙ୍କ କାର୍ଯ୍ୟାଳୟ ନୋଟିସ ବୋର୍ଡ କୁ ଜନ ସାଧାରଣ ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

10/6/2026

ଶିଶୁ ବିକାଶ ଯୋଜନା ଅଧିକାରୀ
ଭୁବନେଶ୍ୱର, ଗ୍ରାମାଞ୍ଚଳ

ପରିପତ୍ର ସଂଖ୍ୟା ୨୩୭ ତାରିଖ ୧୦|୦୬|୨୦୨୬

ଏହାର ଏକକିତା ନକଲ ସମ୍ପୃକ୍ତ ପରିଦର୍ଶୀକା / ଅଙ୍ଗନୱାଡି କର୍ମୀଙ୍କ ଅବଗତି ତଥା ବିଜ୍ଞାପିତ ଅଞ୍ଚଳର ସର୍ବସାଧାରଣଙ୍କ ବ୍ୟାପକ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

10/6/2026

ଶିଶୁ ବିକାଶ ଯୋଜନା ଅଧିକାରୀ
ଭୁବନେଶ୍ୱର, ଗ୍ରାମାଞ୍ଚଳ